# Official Spokesperson's response to a query about an OIC statement on the unfortunate incident in the Indian State of Assam

October 08, 2021

## ଭାରତୀୟ ରାଜ୍ୟ ଆସାମରେ ଘଟିଥିବା ଦୁର୍ଭାଗ୍ୟଜନକ ଘଟଣାକୁ ନେଇ ଓଆଇସିର ବିବୃତ୍ତି ବିଷୟରେ ଏକ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଅକ୍ଟୋବର 08, 2021**

**ଭାରତୀୟ ରାଜ୍ୟ ଆସାମରେ ଘଟିଥିବା ଦୁର୍ଭାଗ୍ୟଜନକ ଘଟଣା ଉପରେ ଇସଲାମିକ ସହଯୋଗ ସଂଗଠନ ବା ଓଆଇସିର ବିବୃତ୍ତି ସମ୍ପର୍କରେ ଏକ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:**

ଭାରତ ଅତ୍ୟନ୍ତ ଦୁଃଖର ସହ ସୂଚାଇ ଦେଉଛି ଯେ ଇସଲାମିକ ସହଯୋଗ ସଂଗଠନ ବା ଓଆଇସି ପୁଣି ଥରେ ଭାରତୀୟ ରାଜ୍ୟ ଆସାମରେ ଘଟିଥିବା ଦୁର୍ଭାଗ୍ୟଜନକ ଘଟଣା ଉପରେ ଏକ ଭୁଲ ଏବଂ ବିଭ୍ରାନ୍ତିକର ବିବୃତ୍ତି ଦେଇ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ମନ୍ତବ୍ୟ ଦେବାକୁ ପସନ୍ଦ କରିଛି। ଏ ବାବଦରେ ଭାରତୀୟ କର୍ତ୍ତୃପକ୍ଷ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହା ଦୋହରାଯାଉଛି ଯେ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ପ୍ରସଙ୍ଗରେ ଓଆଇସିର କୌଣସି ଅଧିକାର ନାହିଁ ଏବଂ ଏହା ନିଜର ପ୍ଲାଟଫର୍ମକୁ ନ୍ୟସ୍ତ ସ୍ୱାର୍ଥ ଦ୍ୱାରା ବ୍ୟବହୃତ ହେବାକୁ ଦେବା ଉଚିତ୍ ନୁହେଁ। ଭାରତ ସରକାର ଏଭଳି ସମସ୍ତ ଅବାଞ୍ଛିତ ବିବୃତ୍ତିକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ଏବଂ ଭବିଷ୍ୟତରେ ଏଭଳି କୌଣସି ମନ୍ତବ୍ୟ ଦିଆଯିବ ନାହିଁ ବୋଲି ଆଶା କରୁଛନ୍ତି।

**ନୂଆଦିଲ୍ଲୀ**

**ଅକ୍ଟୋବର 08, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.